# କପିଳାସରେ ସଫାରି ଆରମ୍ଭ
# ବିଭୋର କରୁଛି ବନ୍ୟଜୀବନ


ସଫାରି ଯାନରେ ପର୍ଯ୍ୟଟକ।


ୱାଚ୍‌ଟାୱାର।

**ଢେଙ୍କାନାଳ ଅଫିସ,୧୭।୧**

ଢେଙ୍କାନାଳ ଜିଲା ବନ ବିଭାଗ ପକ୍ଷରୁ କପିଳାସ ଅଭୟାରଣ୍ୟରେ ଆରମ୍ଭ ହୋଇଛି ଜଙ୍ଗଲ ସଫାରି। ପର୍ଯ୍ୟଟକଙ୍କୁ ପ୍ରକୃତି ଏବଂ ବନ୍ୟଜୀବନ ସହିତ ଯୋଡ଼ିବା ଲାଗି ୩ଦିନ ହେଲା ପରୀକ୍ଷାମୂଳକ ଭାବେ ଏହାର ଶୁଭାରମ୍ଭ ହୋଇଥିବାବେଳେ ଆସନ୍ତା ୭ଦିନ ମଧ୍ୟରେ ଏହା ବିଧିବଦ୍ଧ ଭାବେ କାର୍ଯ୍ୟକ୍ଷମ ହେବ। ତେବେ ଆରମ୍ଭରୁ ଜଙ୍ଗଲ ଇଲାକାର ଶାନ୍ତ ପରିବେଶ ପ୍ରକୃତିପ୍ରେମୀଙ୍କୁ ବିଭୋର କରୁଥିବାବେଳେ ଏହା ଜିଲା ପର୍ଯ୍ୟଟନକୁ ସମୃଦ୍ଧ କରିବ ବୋଲି ମତପ୍ରକାଶ ପାଇଛି।

କପିଳାସ ଅଭୟାରଣ୍ୟରେ ଜଙ୍ଗଲ ସଫାରି କରିବା ଲାଗି ଦୀର୍ଘଦିନରୁ ବନ ବିଭାଗ ଯୋଜନା କରିଥିଲା। ନିକଟରେ ଏହା ତ୍ୱରାନ୍ୱିତ ରୂପ ନେଇଛି। ରାଜ୍ୟ ସରକାରଙ୍କ ସହଯୋଗରେ ୧୦ ଜଣ ପର୍ଯ୍ୟଟକ ବସିବା ଭଳି ୧୨ ଲକ୍ଷ ଟଙ୍କା ବ୍ୟୟରେ ଏକ ସ୍ୱତନ୍ତ୍ର ଗାଡ଼ି ପ୍ରସ୍ତୁତ କରାଯାଇଛି। ଜିଲାକୁ ଆସୁଥିବା ପର୍ଯ୍ୟଟକଙ୍କୁ ମଧୁର ଅନୁଭୂତି ଦେବା ଲାଗି ପରୀକ୍ଷାମୂଳକ ଭାବେ ଜଙ୍ଗଲ ସଫାରି ଆରମ୍ଭ କରାଯାଇଛି। ଦୁଇଦିନ ତଳେ ବିଦେଶୀ ପର୍ଯ୍ୟଟକ ଏହାର ମଜା ନେଇଛନ୍ତି।

କପିଳାସ ରେଞ୍ଜ କାର୍ଯ୍ୟାଳୟରୁ ପର୍ଯ୍ୟଟକଙ୍କୁ ଧରି ଏହି ସଫାରି ଯାନ ଅଭୟାରଣ୍ୟ ଅଭିମୁଖେ ଯାତ୍ରା କରୁଛି। ଦେଓଗାଁ-ଟାଙ୍ଗୀ ରାସ୍ତାର ବାଇଁଶିଆ ବିଟ୍‌ଠାରେ ଅଭୟାରଣ୍ୟ ଭିତରକୁ ପ୍ରବେଶ କରିବା ପରେ ଢେଙ୍କାନାଳ-କଟକ ସୀମାନ୍ତ କପିଳାସ ଅଭୟାରଣ୍ୟରେ ପ୍ରାୟ ୩୧ କିଲୋମିଟର ପଥ ପରିକ୍ରମା କରୁଛି।

■ ଜଙ୍ଗଲରେ ୩୧ କି.ମି. ପରିକ୍ରମା ସୁବିଧା
■ ପ୍ରକୃତିପ୍ରେମୀ, ପର୍ଯ୍ୟଟକ ଉତ୍ସାହିତ
■ ୭ଦିନରେ ବିଧିବଦ୍ଧ ଭାବେ ଆରମ୍ଭ ହେବ

ବନ କର୍ମଚାରୀ, ହାତୀ ସ୍କ୍ୱାଡ୍ କର୍ମଚାରୀ ସୁରକ୍ଷା ଉପକରଣ ସହ ଗାଡ଼ି ସହିତ ଯାଉଛନ୍ତି। ଗାଡ଼ିରେ ପର୍ଯ୍ୟଟକଙ୍କୁ ସ୍ନାକ୍ସ ଓ କଫି ଦିଆଯିବା ବ୍ୟବସ୍ଥା କରାଯାଇଛି। ଜଙ୍ଗଲ ମଝିରେ ଥିବା ଚିକିଟା ବିଟ୍ ହାଉସଠାରେ ସବୁଜିମାମୟ ଜଙ୍ଗଲ ଦୃଶ୍ୟ, ପାହାଡ଼ ଏବଂ ବନ୍ୟଜନ୍ତୁଙ୍କୁ ଦେଖିବା ଲାଗି ବଡ଼ ୱାଚ୍‌ଟାୱାର କରାଯାଇଛି। ଅଭୟାରଣ୍ୟରେ ହାତୀ, ଗୟଳ, ଅଜଗର, ଅହିରାଜ, ଭାଲୁ, ହରିଣ, ବାଘୁଆ, ଝିଙ୍କ ଆଦି ବହୁ ପ୍ରଜାତିର ବନ୍ୟଜନ୍ତୁ ରହୁଥିବାବେଳେ ପର୍ଯ୍ୟଟକମାନେ ଦୂରରୁ ସେମାନଙ୍କୁ ଦେଖିବାର ସୁଯୋଗ ହାତଛଡ଼ା କରୁନାହାନ୍ତି।

ଏ ସଂକ୍ରାନ୍ତରେ ହାତୀ ସ୍କ୍ୱାଡ୍ କର୍ମଚାରୀ ହରିଶ ଚନ୍ଦ୍ର ପତି, ଲାଲୁ କାଲୁଣ୍ଡିଆ କୁହନ୍ତି, ପର୍ଯ୍ୟଟକମାନେ ସଫାରି ଗାଡ଼ିରେ ବସି ଘନଜଙ୍ଗଲ ପରିବେଶର ଆନନ୍ଦ ଉଠାଉଛନ୍ତି। ହାତୀ, ହରିଣ, କୁଟୁରା, ଶାଲିଆପତନି ଭଳି ବନ୍ୟଜନ୍ତୁଙ୍କୁ ପାଖରୁ ଦେଖୁଛନ୍ତି। ୱାଚ୍‌ଟାୱାର ଉପରୁ ଦିନରାତି ବନ୍ୟଜନ୍ତୁଙ୍କ ସୁରକ୍ଷା ବ୍ୟବସ୍ଥା ନିରୀକ୍ଷଣ କରାଯାଉଛି। ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ପରୀକ୍ଷାମୂଳକ ଭାବେ ଜଙ୍ଗଲ ସଫାରି ଆରମ୍ଭ ହୋଇଛି। ୭ଦିନ ମଧ୍ୟରେ ଏହା ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେବ। ଏଥିଲାଗି ଫିସ୍ ମଧ୍ୟ ନିର୍ଦ୍ଧାରିତ ହେବ। ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ।

## ମନ ମୋହିଲା ଶବରନୃତ୍ୟ

**ଢେଙ୍କାନାଳ ଅଫିସ,୧୭।୧**

କର୍ଣ୍ଣାଟକର ହୁବ୍ଲି-ଧରୱାଡ଼ଠାରେ ଗତ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ପକ୍ଷରୁ ଚାଲିଥିବା ୨୬ତମ ଜାତୀୟ ଯୁବ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ଏହି ଉତ୍ସବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଢେଙ୍କାନାଳର କଳାକାର ଆଶିଷ କୁମାର ପାଲ ଆଦିବାସୀ ତଥା ଶବର ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥିଲେ। ଢେଙ୍କାନାଳରୁ ଏକମାତ୍ର କଳାକାର ଭାବେ ସେ ଏହି ଉତ୍ସବରେ ଯୋଗଦାନ କରିଛନ୍ତି। ଢେଙ୍କାନାଳ 'ନିତା ନୃତ୍ୟାଙ୍ଗନା' ଅନୁଷ୍ଠାନ ଗଢ଼ି ଆଶିଷ ବହୁ ଛାତ୍ରୀଛାତ୍ରଙ୍କୁ ନୃତ୍ୟ ଶିକ୍ଷା ଦେଉଛନ୍ତି। ନିଜ ଅନୁଷ୍ଠାନର କଳାକାରମାନଙ୍କୁ ଜାତୀୟସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ସେ ପ୍ରୟାସ ଜାରି ରଖିଛନ୍ତି।



ଆଶିଷ କୁମାର ପାଲଙ୍କ ନୃତ୍ୟ ପରିବେଷଣ।

## କୁକୁଡ଼ା ପାଳନ ପ୍ରଶିକ୍ଷଣ

**ଢେଙ୍କାନାଳ ଅଫିସ,୧୭।୧:** ଢେଙ୍କାନାଳ ୟୁକୋ ଗ୍ରାମ୍ୟ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ସଦର ବ୍ଲକ ବଳଦିଆବନ୍ଧ ପଞ୍ଚାୟତରେ କୁକୁଡ଼ା ପାଳନ ତାଲିମ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବହୁ ଉତ୍ସାହୀ ମହିଳା ଏଥିରେ ଅଂଶଗ୍ରହଣ କରିଛନ୍ତି। ଅତିଥି ଭାବେ ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ନିର୍ମଳ ପଣ୍ଡା, ସହକାରୀ ପ୍ରାଣୀଧନ ଅଧିକାରୀ ଶ୍ରୀକାନ୍ତ ପରିଡା, ପ୍ରତିଷ୍ଠାନର ନିର୍ଦ୍ଦେଶିକା ବିଶ୍ୱଭାରତୀ ସାହୁ ପ୍ରମୁଖ ଯୋଗଦେଇ କୁକୁଡ଼ା ପାଳନ ପରିବାରର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ବୋଲି କହିଥିଲେ। ପ୍ରଶିକ୍ଷିକା ସୁଚିତ୍ରା ଗଡନାୟକ, ଅଫିସ ସହାୟକ ପ୍ରଣବ ରଞ୍ଜନ ମିଶ୍ର, ସତ୍ୟମ ଶୁଭମ୍ ଦାସ, ଏମ୍‌ବିକେ ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଜଗନ୍ନାଥ ଦଳ ବିଜୟୀ

**ଢେଙ୍କାନାଳ ଅଫିସ,୧୭।୧:** ଢେଙ୍କାନାଳ ଷ୍ଟାଡିୟମଠାରେ ଚାଲିଥିବା ଜିଲାସ୍ତରୀୟ ଇଣ୍ଟ୍ରା କ୍ଲବ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ମ୍ୟାଚରେ ଜଗନ୍ନାଥ ଦଳ ୫ ଉଇକେଟରେ ବଳରାମ ଦଳକୁ ପରାସ୍ତ କରିଛି। ଅନିଲ ରାଉତଙ୍କ ୪୬ ରନ୍ ସହାୟତାରେ ବଳରାମ ଦଳ ୧୬୨ ରନ କରିଥିଲା। ଜବାବରେ ଜଗନ୍ନାଥ ଦଳ ୨୯ ଓଭରରେ ୫ ଉଇକେଟ ହରାଇ ୧୬୩ ରନ୍ କରି ବିଜୟୀ ହୋଇଥିଲା। ଅଧିନାୟକ ବିକାଶ ରାଉତ ୮୬ ରନ କରି ଅପରାଜିତ ଥିଲେ। ଅମ୍ପାୟର ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଜିତେନ୍ଦ୍ର ଶତପଥୀ ମ୍ୟାଚ ପରିଚାଳନା କରିଥିଲେ। ଅତିଥି ଭାବେ ପୂର୍ବତନ ଖେଳାଳି ଅସୀମ ଦାସ ଯୋଗ ଦେଇଥିଲେ। ଶିବଶଙ୍କର ଦେହୁରୀ, ଅଭିଜିତ ମିଶ୍ର ପରିଚାଳନା କରିଥିଲେ। ବୁଧବାର ଚନ୍ଦ୍ରଶେଖର ଦଳ, ଓମ୍‌ସାଇ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

## ଶିକ୍ଷା ସହ ସଂସ୍କାର ଜରୁରୀ

**ଢେଙ୍କାନାଳ ଅଫିସ,୧୭।୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ଆମ୍ବପଡ଼ାସ୍ଥିତ ଶିଶୁ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଶିକ୍ଷା ସହ ସଂସ୍କାର ଶିଖିଲେ ଭଲ ମଣିଷ ହୋଇପାରିବେ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ମୁଖ୍ୟବକ୍ତା ଭାବେ ଶକ୍ତି ପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ସାମାଜିକ କର୍ମୀ ଡ. ସୁରେଶ କୁମାର ପଣ୍ଡା, ବିଶ୍ୱରଞ୍ଜନ ଚିନ୍ନାରା, ସରପଞ୍ଚ ସୌଭାଗିନୀ ବେହେରା, ସମିତିସଭ୍ୟା ସସ୍ମିତା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାନୁଷ୍ଠାନ ସମ୍ପାଦକ ପ୍ରଦ୍ୟୁମ୍ନ ପଣ୍ଡା, ପ୍ରଧାନ ଆଚାର୍ଯ୍ୟା ରୀନା ସ୍ୱାଇଁ, ସଭାପତି ନିତ୍ୟାନନ୍ଦ ଦାସ ପରିଚାଳନା କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ନାରାୟଣ ପଣ୍ଡା ଓ ବ୍ରଜବନ୍ଧୁ ସାହୁଙ୍କ ସ୍ମୃତିରେ ତାଙ୍କ ପରିବାର ସଦସ୍ୟ, ଜମିଦାନ କରିଥିବା ମାୟାଧର ମିଶ୍ର, ଗୁରୁଜୀ ପ୍ରକାଶ ପଣ୍ଡା ଏବଂ ଗୁରୁମା ସସ୍ମିତା ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ମୁଖ୍ୟ ଅତିଥି ଗୁରୁମାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଜନସଚେତନତା ରୋକିବ ମୃତ୍ୟୁହାର

**ଢେଙ୍କାନାଳ ଅଫିସ,୧୭।୧**

■ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ
■ ଟ୍ରାଫିକ ନିୟମ ଭାଙ୍ଗିଲେ କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପାଳିତ ହେଉଥିବା ସଡ଼କ ସୁରକ୍ଷା ସପ୍ତାହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସେଠୀ ଅଧ୍ୟକ୍ଷତା କରି କହିଲେ, ପ୍ରତ୍ୟେକଟି ଜୀବନ ସବୁଠାରୁ ମୂଲ୍ୟବାନ। ଦ୍ରୁତଗତି ଏବଂ ନଶାସେବନ କରି ଗାଡ଼ିଚାଳନା କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲ, କଲେଜ ପିଲାଙ୍କୁ ଟ୍ରାଫିକ୍ ନିୟମ ସମ୍ପର୍କରେ ଅଧିକ ସଚେତନ କରିବା, ସମସ୍ତ ଶିକ୍ଷାନୁଷ୍ଠାନ ସମ୍ମୁଖ ରାସ୍ତାରେ ସ୍ପିଡ୍ ବ୍ରେକର, ସାଇନେଜର ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଦୁର୍ଘଟଣା ରୋକିବା ପାଇଁ ପ୍ରତି ମାସରେ ସମୀକ୍ଷା ବୈଠକ କରି ବିହିତ ବ୍ୟବସ୍ଥା କରିବା ପାଇଁ ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।


ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ଗାଡି ଚାଳନାବେଳେ ନିଜେ ସତର୍କ ରହିବାସହ ପଥଚାରୀଙ୍କ ସୁରକ୍ଷା ବିଷୟ ଚିନ୍ତା କରିବାକୁ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ପରାମର୍ଶ ଦେଇଥିଲେ। ଜାତୀୟ ରାଜପଥଗୁଡ଼ିକୁ ସଂଯୋଜ କରୁଥିବା ସମସ୍ତ ରାସ୍ତାରେ ସାଇନେଜ୍ ଓ ସ୍ପିଡ୍‌ବ୍ରେକର ଲଗାଇବାକୁ ସେ ପରାମର୍ଶ ଦେଇଛନ୍ତି। ପୋଲିସ ପ୍ରଶାସନ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜାତୀୟ ରାଜପଥ ସମେତ ଜିଲାର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ଲୋକଙ୍କୁ ସଚେତନ କରାଯାଉଥିବା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ସୂଚନା ଦେଇଥିଲେ। ଏହି ଅବସରରେ ଜିଲାର ରାସ୍ତା ଦୁର୍ଘଟଣା ସମୟରେ ଉଦ୍ଧାର ଓ ସହଯୋଗ କରିଥିବା ୧୧ ଗୁଡ୍ ସାମରିଟାନ୍‌ଙ୍କୁ ସମ୍ମାନିତ କରାଯିବା ସହିତ ପ୍ରତ୍ୟେକଙ୍କୁ ୨ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ବୈଠକରେ ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅଶୋକ କୁମାର ଦାଶ, ଜିଲା ରାପିଡ୍ ରେସ୍‌ପନ୍ସ ଟିମ୍ କୋଅର୍ଡିନେଟର ବିରଞ୍ଚି ନାରାୟଣ ପାଣି, ଜିଲା ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ସକାଳ ୮ଟାରେ ଏକ ସଚେତନତା ସାଇକେଲ ଶୋଭାଯାତ୍ରାକୁ ଜିଲାପାଳ ଓ ଏସ୍‌ପି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲାପାଳ ଓ ଏସ୍‌ପି ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସହ ସାଇକେଲ ଚଳାଇ ସହର ପରିକ୍ରମା କରିଥିଲେ।

## ଜିଲାରେ ଘନ କୁହୁଡ଼ି

**ଢେଙ୍କାନାଳ ଅଫିସ,୧୭।୧**

ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଗତ କିଛିଦିନ ହେବ ଘନ କୁହୁଡ଼ି ସମସ୍ୟା ସୃଷ୍ଟି କରିଛି। ବିଶେଷକରି ୫୫ନଂ. ଜାତୀୟ ରାଜପଥରେ ପ୍ରାତଃରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଘନ କୁହୁଡ଼ି ଯୋଗୁ ଯାନବାହାନ ଚଳାଚଳର ସମସ୍ୟା ହେଉଛି । ଏହି କାରଣରୁ କେତେକ ସ୍ଥାନରେ ଦୁର୍ଘଟଣା ମଧ୍ୟ ଘଟୁଛି। ଯାନବାହାନଗୁଡ଼ିକ ଲାଇଟ ଲଗାଇ ରାଜପଥରେ ଯାଉଥିବା ଦେଖାଯାଇଛି। ସେହିପରି ଘନ କୁହୁଡ଼ି ଯୋଗୁ ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କତା ମଧ୍ୟ ଜାରି କରାଯାଇଛି। ୧୦ଟା ପର୍ଯ୍ୟନ୍ତ କୁହୁଡି ହଟୁ ନ ଥିବାରୁ ସକାଳୁ ଶିକ୍ଷାନୁଷ୍ଠାନ ଯାଉଥିବା ଛାତ୍ରୀଛାତ୍ରମାନେ ସମସ୍ୟାରେ ପଡୁଛନ୍ତି।

## ଡ୍ରେନ୍ ସଫେଇ କଲେ ଯୁବଗୋଷ୍ଠୀ

**ଢେଙ୍କାନାଳ ଅଫିସ,୧୭।୧:**

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ ଦିଲ୍‌ଦାର କ୍ଲବ ଏବଂ ନେହେରୁ ଯୁବକେନ୍ଦ୍ର ସହାୟତାରେ ଢେଙ୍କାନାଳ-କାମାକ୍ଷାନଗର ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ପୋତି ହୋଇଯାଇଥିବା ଡ୍ରେନ୍ ସଫେଇ କରାଯାଇଛି। ଏଥିସହ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ଚାରା ରୋପଣ କରାଯାଇଛି। ପ୍ରଧାନ ଶିକ୍ଷକ ସୁଶୀଲ ପଟ୍ଟନାୟକ, କ୍ଲବର ଉପଦେଷ୍ଟା ଜୟନ୍ତ ପଟ୍ଟନାୟକଙ୍କ ଉପସ୍ଥିତିରେ ଯୁବ ଦିବସ ପାଳନ କରାଯାଇଥିଲା। କ୍ଲବ ସଭାପତି ସୁବ୍ରତ ରଞ୍ଜନ ସାହୁ, ସମ୍ପାଦକ ବିନୟ ପଟ୍ଟନାୟକ, ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି, ବିଶ୍ୱରଞ୍ଜନ ପଟ୍ଟନାୟକ, ସୁଜିତ ପଟ୍ଟନାୟକ, ମନୋଜ ବେହେରା, ଆନନ୍ଦ ଶଙ୍କର ମହାନ୍ତି, ଦେବୀ ପ୍ରସାଦ ପଟ୍ଟନାୟକ, ରଞ୍ଜିତ ଦାସ, ସୂର୍ଯ୍ୟକାନ୍ତ ମହାନ୍ତି, ଜ୍ଞାନରଞ୍ଜନ ପଟ୍ଟନାୟକ, ସୁଧାଂଶୁ ସାହୁ, ପ୍ରିୟାଂଶୁ ପଟ୍ଟନାୟକ, ରତିକାନ୍ତ ପଟ୍ଟନାୟକ ଓ ସ୍ୱସ୍ତିକ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ସଞ୍ଜୀବ ସାହୁ ଧନ୍ୟବାଦ ଦେଇଥିଲେ।


ଦିଲଦାର କ୍ଲବର ସଦସ୍ୟମାନେ ପୂର୍ତ୍ତବିଭାଗ ରାସ୍ତାର ପାର୍ଶ୍ୱ ଡ୍ରେନ ସଫା କରୁଛନ୍ତି।

## ତାଲିକାରୁ ବାଦ୍ ପଡ଼ି ପ୍ରଶାସନର ଦ୍ୱାରସ୍ଥ

**ଢେଙ୍କାନାଳ ଅଫିସ,୧୭।୧**

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ତାଲିକାଭୁକ୍ତ ହିତାଧିକାରୀ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗଁଦିଆ ବ୍ଲକ ଲତାଦେଈପୁର, ଯୋରନ୍ଦା, ନେଉଳପୋଇ ଅଞ୍ଚଳବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୨୨ରେ ହୋଇଥିବା ସର୍ଭେ ତାଲିକାରେ ବହୁ ହିତାଧିକାରୀଙ୍କ ନାମ ରହିଥିଲା। ଚଳିତବର୍ଷ ପ୍ରକାଶିତ ନୂତନ ତାଲିକାରେ ସେମାନଙ୍କୁ ବାଦ୍ ଦିଆଯାଇଛି। ପଞ୍ଚାୟତ ନିର୍ବାଚନରେ ଭୋଟ ଦେଇ ନ ଥିବାରୁ କେତେଜଣ ଜନପ୍ରତିନିଧି ଉଦ୍ଦେଶ୍ୟମୂଳକ ଭାବେ ସେମାନଙ୍କ ନାମ କାଟି ଦେଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରି ନ୍ୟାୟ ଦେବାକୁ ସମ୍ପୃକ୍ତ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ଆଶିଷ ରଞ୍ଜନ ସାହୁ କୁହନ୍ତି, ନେଉଳପୋଇ ପଞ୍ଚାୟତ ପାଇଁ ସମ୍ପୂର୍ଣ୍ଣ ତାଲିକା ପ୍ରକାଶିତ ହୋଇ ନ ଥିଲା। ଜିଲା କାର୍ଯ୍ୟାଳୟରୁ ଫୋନ ପାଇବା ପରେ ସମସ୍ତଙ୍କ ତାଲିକା ପ୍ରଦାନ କରାଯାଇଛି। ତାଲିକାରେ ଅଳ୍ପସଂଖ୍ୟକ ଲୋକଙ୍କ ନାମ ନ ଥିବା ସେ ସୂଚନା ଦେଇଛନ୍ତି। ସେହିପରି ଲତାଦେଈପୁର ଗ୍ରାମବାସୀ କରିଥିବା ଅଭିଯୋଗର ତଦନ୍ତ ବୁଧବାର କରାଯିବ ବୋଲି ବିଡିଓ କହିଛନ୍ତି।


ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

## ବନ୍ଧୁକ ଦେଖାଇ ୮୦,୦୦୦ ଲୁଟ୍

**କାମାକ୍ଷାନଗର, ୧୭।୧(ଡି.ଏନ୍.ଏ.)**

ବାଇକ୍‌ରେ ଆସିଲେ। ବନ୍ଧୁକ ମୁନରେ ଭୟଭୀତ କରାଇ ଆଖି ପିଛୁଳାକେ ଛଡ଼ାଇନେଲେ ୮୦,୦୦୦ ଟଙ୍କା। ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ଧୋବାବାହାଳି ଛକ ନିକଟରେ ମଙ୍ଗଳବାର ଏଭଳି ଫିଲ୍ମ ଷ୍ଟାଇଲ୍‌ରେ ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ସ୍ଥାନୀୟ ବ୍ୟବସାୟୀ ବିକାଶ ସାହୁ। ମୁଖାଧାରୀ ଦୁଇ ଦୁର୍ବୃତ୍ତଙ୍କ ଫଟୋ ମୋବାଇଲ୍ କ୍ୟାମେରାରେ କଏଦ ହୋଇଥିଲେ ମଧ୍ୟ ପୋଲିସ ସେମାନଙ୍କ ନିକଟରେ ପହଞ୍ଚି ପାରିନାହିଁ। ସ୍ପଷ୍ଟ ଦିବାଲୋକରେ ଏଭଳି ଲୁଟ୍ ଅଞ୍ଚଳବାସୀଙ୍କ ମନରେ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଥିବାବେଳେ ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି।

ଶ୍ରୀମୂଳା ଛକରେ ବିକାଶଙ୍କ ଏକ ଜେରକ୍ସ ଦୋକାନ ଅଛି। ଏଥିସହ ସେ ୟୁନିୟନ ବ୍ୟାଙ୍କର ଗ୍ରାହକ ସେବାକେନ୍ଦ୍ର ଚଳାଉଛନ୍ତି। ପୂର୍ବାହ୍ନ ପ୍ରାୟ ୧୦ଟାରେ ସେ ବାଇକ୍‌ରେ ଦୋକାନକୁ ଯାଉଥିବାବେଳେ ଧୋବାବାହାଳି ଗାଁ ମୁଣ୍ଡରେ ଏକ ବାଇକ୍‌ରେ ଛକିଥିବା ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ଛାତିରେ ବନ୍ଧୁକ ରଖି ବିକାଶଙ୍କଠାରୁ ଟଙ୍କା ବ୍ୟାଗ୍, ବ୍ୟାଙ୍କ ପାସ୍‌ବୁକ୍, ଏଟିଏମ୍ କାର୍ଡ ଛଡ଼ାଇ ଫେରାର ହୋଇଯାଇଥିଲେ। ତେବେ ବିକାଶ ମୋବାଇଲ୍‌ରେ ଗାଡ଼ିର ଫଟୋ ଉଠାଇନେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଚାଲିଥିବା ଏସ୍‌ଡିପିଓ ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି।


ଅଭିଯୁକ୍ତମାନେ ଫେରାର ହୋଇଯାଉଛନ୍ତି।


ବ୍ୟବସାୟୀ ବିକାଶ ସାହୁ।

### ପଛରେ ବ୍ୟାଗ୍, ଆଗରେ ପୂଜା କପଡ଼ା

ବିକାଶଙ୍କଠାରୁ ଟଙ୍କା ଲୁଟ୍ କରିବାକୁ ଅଭିଯୁକ୍ତମାନେ ସୁଚିନ୍ତିତ ଯୋଜନା କରିଥିବା ପରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଛି। କାରଣ ଅଭିଯୁକ୍ତମାନେ ଆସିଥିବା କଳା ରଙ୍ଗର ବାଇକ୍ ପଛ ପାର୍ଶ୍ୱ ନମ୍ବର ପ୍ଲେଟ୍ ଉପରେ ଏକ ବ୍ୟାଗ୍ ଝୁଲାଇ ଦେଇଥିଲେ। ସେହିପରି ଆଗପଟ ନମ୍ବର ପ୍ଲେଟ୍ ଲୁଚାଇବା ପାଇଁ ପୂଜା କପଡ଼ାକୁ ସତର୍କତାର ସହ ବ୍ୟବହାର କରିଥିଲେ। ତେଣୁ ବିକାଶ ଉଠାଇଥିବା ଫଟୋରେ ନମ୍ବର ପ୍ଲେଟ୍ ଠିକ୍ ଭାବେ ଦେଖାଯାଉନାହିଁ। ସେହିପରି ଅଭିଯୁକ୍ତମାନେ ମୁଖା ପିନ୍ଧିଥିବାରୁ ସେମାନଙ୍କୁ ଚିହ୍ନି ହେଉନାହିଁ। ତେଣୁ ସେମାନଙ୍କ ପାଖରେ ପହଞ୍ଚିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି।

### ସ୍ଥାନୀୟ ଯୁବକଙ୍କ ସମ୍ପୃକ୍ତି ସନ୍ଦେହ

କାମାକ୍ଷାନଗର ଥାନା ଅଞ୍ଚଳରେ ଲୁଟ୍‌ତରାଜ ବଢ଼ିବାରେ ଲାଗିଛି। ଅଭିଯୁକ୍ତମାନେ କେତେବେଳେ ପଥଚାରୀଙ୍କୁ ତ ଆଉ କେତେବେଳେ ମନ୍ଦିରକୁ ଟାର୍ଗେଟ୍ କରୁଛନ୍ତି। ଏଥିରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ବିକାଶ କେତେବେଳେ ଦୋକାନକୁ ଆସୁଛନ୍ତି, କେତେ ଟଙ୍କା ଆଣୁଛନ୍ତି ସେମାନେ ଏହାକୁ ନୀରିକ୍ଷଣ କରିଥିଲେ। ତେଣୁ ସେମାନେ ସହଜରେ ଲୁଟ୍ କରିବାରେ ସକ୍ଷମ ହୋଇଥିବା ଚର୍ଚ୍ଚା ହେଉଛି। ଧରାପଡ଼ିବା ଭୟରେ ସେମାନେ ତରବରରେ ଟଙ୍କାବ୍ୟାଗ୍ ଧରି ଫେରାର ହୋଇଯାଇଥିବାବେଳେ ମୋବାଇଲ୍ ଛାଡ଼ି ଯାଇଥିବା ବିକାଶ କହିଛନ୍ତି।

### ଖୁଡ଼ୀ ଡାକି ବେକରୁ ଝାମ୍ପି ନେଲେ ହାର

ବାଇକ୍‌ରେ ଆସିଲେ। ଖୁଡ଼ୀ ବୋଲି ସମ୍ବୋଧନ କଲେ। ଆଧାର କାର୍ଡ ପାଇଁ ପଠାଇଥିବା କହିଲେ। କିଛି ଭାବିବା ପୂର୍ବରୁ ଧକ୍କା ମାରି ବେକରୁ ଝାମ୍ପିନେଲେ ସୁନା ହାର ଏବଂ ମଙ୍ଗଳସୂତ୍ର। କାମାକ୍ଷାନଗର ଥାନା କାନପୁରା ପଞ୍ଚାୟତ ଜିରିଡାମାଳି ତାରିଣୀ ମନ୍ଦିର ନିକଟ ଆପର୍ଟମେଣ୍ଟରେ ରହୁଥିବା ଲକ୍ଷ୍ମୀଧର ପୋଇଙ୍କ ସ୍ତ୍ରୀ ନମିତାଙ୍କଠାରୁ ମଙ୍ଗଳବାର ଏଭଳି ଅଭିନବ ଉପାୟରେ ଅଳଙ୍କାର ଲୁଟି ନେଇଛନ୍ତି ଜଣେ ଯୁବକ। ପୋଲିସ ନିକଟରେ ହୋଇଥିବା ଅଭିଯୋଗ କାମାକ୍ଷାନଗର ଥାନା ଅଞ୍ଚଳରେ କଳା ବାଇକ୍‌ଧାରୀ ଦୁର୍ବୃତ୍ତଙ୍କ ଆତଙ୍କରାଜ ଚଳାଇଛନ୍ତି। ଜନସାଧାରଣ ନିଜକୁ ଅସୁରକ୍ଷିତ ମଣିଲେଣି। ଧୀରେ ଧୀରେ ଅଞ୍ଚଳରେ ଲୁଟ୍‌ପାଟ୍ ବଢୁଥିବାବେଳେ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

**ଅଶ୍ଳୀଳ ଭିଡିଓ ଭାଇରାଲ ଧମକ**

**ଅନୁଗୋଳ ଅଫିସ:** ନାଲ୍‌କୋ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିଦେବା ପାଇଁ ଧମକ ଆସିଛି। ଏ ନେଇ ଯୁବତୀ ଏବଂ ବାପା ନାଲକୋ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ, ସୋମବାର ଯୁବତୀଙ୍କ ହ୍ୱାଟ୍ସଆପ୍‌ରେ ଏକ ଅଜଣା ନମ୍ବରରୁ ମେସେଜ ଆସିଥିଲା। ତାଙ୍କର ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିଦେବା ପାଇଁ ଧମକ ଦିଆଯାଇଥିଲା। ଯୁବତୀ ଜଣଙ୍କ ଆଇନର ଆଶ୍ରୟ ନେବେ ବୋଲି କହିବା ପରେ ତାଙ୍କ ନମ୍ବରକୁ ଫଟୋ ଓ ଭିଡିଓ ପଠାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଅନୁଗୋଳ ଅଫିସ, ୧୭।୧:** ଅନୁଗୋଳ ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିବା ଅଭିଯୋଗରେ ଜଣେ ନାବାଳକଙ୍କୁ ପୋଲିସ ଧରିଛି। ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମେ ଗତ ଡିସେମ୍ବର ୨୯ରେ ଏ ନେଇ ସଦର ଥାନାରେ ନଂ. ୧୦୩୨/୨୨ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ମଙ୍ଗଳବାର ଉଭୟଙ୍କୁ ଯାଜପୁରରୁ ଉଦ୍ଧାର କରିଥିବା ଥାନାଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି।

### ପୂର୍ବଶତ୍ରୁତାରୁ ଭୁଜାଲି ମାଡ଼

**ଛେଣ୍ଡିପଦା, ୧୭।୧(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କଇଁଛପଦା ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଅଜିତ କୁମାର ମହାପାତ୍ରଙ୍କୁ ଭୁଜାଲି ମାଡ଼ ହୋଇଛି। ଅଜିତ ଘର ସମ୍ମୁଖରେ ଅଶ୍ୱିନ ମହାପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ସହ କଥା ହେଉଥିବାବେଳେ ଉତ୍ତମ ମହାପାତ୍ର ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଉତ୍ତମ ଏକ ଭୁଜାଲିରେ ଅଜିତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଗ୍ରାମବାସୀ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଏ ନେଇ ଅଜିତଙ୍କ ଅଭିଯୋଗକ୍ରମେ ନଂ. ୨୩/୨୩ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଅପରାହ୍ନରେ ଉତ୍ତମଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

**ବଇଣ୍ଡା, ୧୭।୧(ଡି.ଏନ୍.ଏ.):** କିଶୋରନଗର ବ୍ଲକ ଅଞ୍ଚଳର ଜଣେ କଲେଜ ପଢୁଆ ଛାତ୍ରୀଙ୍କୁ ହଣ୍ଡପା ଥାନା ଅଞ୍ଚଳରୁ ଅପହରଣ କରିନେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୧୧/୨୩ ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ବଁଅରପାଳ ଥାନା ବୁଢାପଙ୍କ ଗ୍ରାମର ଅଭିଯୁକ୍ତ ଚନ୍ଦନ ନାୟକ (୧୯)ଙ୍କୁ ଗିରଫ କରିଛି। ମଙ୍ଗଳବାର ଡାକ୍ତରୀମାଇନା କରାଯିବା ପରେ ଚନ୍ଦନଙ୍କୁ ଆଠମଲ୍ଲିକ କୋର୍ଟ ଚାଲାଣ କରାଯାଇଥିଲା। ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତା ଛାତ୍ରୀ ଏବଂ ଅଭିଯୁକ୍ତ ଯୁବକଙ୍କ ମଧ୍ୟରେ ୫ ମାସ ତଳେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଛାତ୍ରୀ ଜଣକ କଲେଜ ଯାଉଥିବାବେଳେ ଚନ୍ଦନ ତାଙ୍କୁ ପ୍ରଲୋଭିତ କରି ଅନୁଗୋଳ ନେଇଯାଇଥିଲେ। ସେଠାରେ କଟକ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଆଇଆଇସି ନମିତା ନାୟକ କଟକ ଅଞ୍ଚଳରେ ଚଢ଼ାଉ କରି ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଚନ୍ଦନଙ୍କୁ ଗିରଫ କରିଥିଲେ।

### ସମସ୍ୟା ଜଣାଇଲେ ଚାଷୀ

**ଆଠମଲ୍ଲିକ, ୧୭।୧(ଡି.ଏନ୍.ଏ.):** ଆଠମଲ୍ଲିକ ବ୍ଲକ ପଇଁଚକୁଲ ଅଞ୍ଚଳର ଚାଷୀ ବିଭିନ୍ନ ଦାବି ନେଇ ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୂର୍ବତନ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ କର୍ଣ୍ଣଙ୍କ ନେତୃତ୍ୱରେ ମା' ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରା ବାହାରିଥିଲା। ରମାନନ୍ଦ ପାଣିଗ୍ରାହୀ, କୃଷକ ନେତା ପ୍ରଦୀପ ପ୍ରଧାନ, ପୀତାମ୍ବର ଦେହୁରୀ, ରଘୁ ନାଏକ ପ୍ରମୁଖ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨,୯୩୦ ଟଙ୍କାକୁ ବୃଦ୍ଧି, ବସ୍ତା ଓ ସୁତୁଲି ବାବଦରେ ୩୦ ଟଙ୍କା ପ୍ରଦାନ, ତଇଲା ଜମିକୁ ଶାରଦ କିସମକୁ ପରିବର୍ତ୍ତନ, ଫସଲ ବୀମା, ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଆଦି ୧୨ ଦଫା ସମ୍ବଳିତ ଦାବିପତ୍ରକୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା।

### ୭୯ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ

**ମାଧପୁର, ୧୭।୧:** ଆଠମଲ୍ଲିକ ଉପଖଣ୍ଡର ମାଧପୁରସ୍ଥିତ ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ୮ଦିନ ଧରି ଚାଲିଥିବା ଏହି ଶିବିରରେ ୭୯ ଛାତ୍ରୀ ସାମିଲ ହୋଇଥିଲେ। ଅଧକ୍ଷ ବୈଦ୍ୟନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଦିବସରେ ଅତିଥି ଭାବେ ଅଧ୍ୟାପକ ସୁଶାନ୍ତ ଶେଖର ମଙ୍ଗରାଜ, ପ୍ରତାପ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଆତ୍ମରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଧନଞ୍ଜୟ ଦନ୍ତା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ତନୁଶ୍ରୀ ବଘାର ପ୍ରଶିକ୍ଷଣ ଦେଇଥିଲେ।

# ଆଜିଠାରୁ ଜିଲା ମହୋତ୍ସବ

- ୫୩ ଅଧିକାରୀ, ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ
- ୫ ସ୍ଥାନରେ ପାର୍କିଂ, ସହରକୁ ପଶିବନି ଭାରିଯାନ
- ଝୁମାଇବେ ବେନି ଦୟାଲ, ଅନୁଗୁଳିଆ ବର୍ଣ୍ଣି


ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

**ଅନୁଗୋଳ ଅଫିସ, ୧୭।୧**

ଝୁମାଇବେ ବଲିଉଡ୍, ଓଲିଉଡ୍ କଳାକାର। ଶୀତୁଆ ସନ୍ଧ୍ୟାକୁ ରୋମାଞ୍ଚିତ କରିବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ଦୁଲୁକିବ ମଞ୍ଚ। ବୁଧବାର ଉଦ୍‌ଘାଟନୀ ସନ୍ଧ୍ୟାରୁ ୨୨ ତାରିଖ ଉଦ୍‌ଯାପନୀ ଦିବସ ଯାଏ ଦର୍ଶକଙ୍କ ଅସମ୍ଭାଳ ଭିଡ଼ର ସାକ୍ଷୀ ରହିବ ଅନୁଗୋଳ ଷ୍ଟାଡିୟମ୍। ଉଦ୍‌ଘାଟନୀ ସନ୍ଧ୍ୟାରେ ଖ୍ୟାତନାମା କଣ୍ଠଶିଳ୍ପୀ ବେନି ଦୟାଲ ଏବଂ ଅନୁଗୁଳିଆ ବର୍ଣ୍ଣି ପ୍ରମୁଖ ଆକର୍ଷଣ ସାଜିବେ। ଅନୁଗୋଳ ଜିଲା ମହୋତ୍ସବ ଭଳି ଭବ୍ୟ ଆୟୋଜନକୁ ଶୃଙ୍ଖଳିତ କରିବାକୁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବାବେଳେ ଜିଲାବାସୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି ବିପୁଳ ଉତ୍ସାହ।

ଜିଲା କୋର୍ଟ ରୁମ୍ ପରିସରରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହୋତ୍ସବ ସମ୍ପର୍କରେ ସବିଶେଷ ସୂଚନା ଦିଆଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ବଇତୁରା ଦୀପ, ଆସିଷ୍ଟାଣ୍ଟ କଲେକ୍ଟର ଇସାନି ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୈଳାସ ଚନ୍ଦ୍ର ବେହେରା, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ବେହେରା ଉପସ୍ଥିତ ଥିଲେ। ସନ୍ଧ୍ୟା ୬ଟାରୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଥିବାବେଳେ ୭ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟାରେ ଅନୁଗୋଳ ବିଧାୟକ ତଥା ଉପବାଚସ୍ପତି ରଜନୀକାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ତୃତୀୟ ସନ୍ଧ୍ୟାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଚତୁର୍ଥ ସନ୍ଧ୍ୟାରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ କୁମାର ଦଳାଇ, ଉଦ୍‌ଯାପନୀ ସନ୍ଧ୍ୟାରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେବେ। ୫ଦିନ ଧରି ଚାଲିବାକୁ ଥିବା ସମାରୋହରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି।

ବୁଧବାର ଅପରାହ୍ନ ସାଢ଼େ ୨ଟାରେ ଅନୁଗୋଳର ଶୈଳଶ୍ରୀକ୍ଷେତ୍ରଠାରୁ ମଶାଲ ଶୋଭାଯାତ୍ରା ବାହାରି ବଜାର ଛକ ଦେଇ ଷ୍ଟାଡିୟମରେ ପ୍ରବେଶ କରିବ। ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୫୩ ପୋଲିସ ଅଧିକାରୀଙ୍କ ସମେତ ମୋଟ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି। ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ଛିନ୍‌ତାଇ, ଅସାମାଜିକ କାର୍ଯ୍ୟକଳାପ ରୋକିବା, ମଦ୍ୟପ ଧରପଗଡ଼ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ମହୋତ୍ସବ ଶେଷ ଯାଏ ସହର ମଧ୍ୟକୁ ଭାରିଯାନ ପ୍ରବେଶ ନିଷେଧ କରାଯାଇଥିବାବେଳେ ପାର୍କିଂକୁ ଗୁରୁତ୍ୱ ଦିଆଯାଇଛି।

ଷ୍ଟାଡିୟମ ପଛପାର୍ଶ୍ୱରେ ଭିଆଇପିଙ୍କ ଗାଡ଼ି ରହିବ। ସେହିପରି କଦମ ପଡ଼ିଆ, ଜଗନ୍ନାଥ ମନ୍ଦିର ସମ୍ମୁଖରୁ ବିଇଡି ଛକ, ଦଶହରା ପଡ଼ିଆ, ଅନୁଗୋଳ ସରକାରୀ ମହାବିଦ୍ୟାଳୟ ସମ୍ମୁଖରେ ଗାଡ଼ି ପାର୍କିଂ କରାଯିବା ଲାଗି ବ୍ୟବସ୍ଥା କରାଯାଇଛି। ସମନ୍ୱୟ ରକ୍ଷା ଲାଗି ଷ୍ଟାଡିୟମ ପରିସରରେ କଣ୍ଟ୍ରୋଲ ରୁମ୍ ରହିବ। ନାଲ୍‌କୋରୁ ଅନୁଗୋଳ ଆସୁଥିବା ଗାଡ଼ି ଗୁଡ଼ିକ ରାଜ୍ ହୋଟେଲ ଛକରୁ କମଲେଶ ହୋଟେଲ ଦେଇ ବିଇଡି ଛକ, ମିଶ୍ରପଡ଼ା ଦେଇ ହରିମହୁରୀ ଛକରେ ବାହାରିବେ। ସେହିଭଳି ପଞ୍ଚମହଲାରୁ ଗାଡ଼ିଗୁଡ଼ିକ ହୁଲୁରିସିଂହା ଛକରୁ ଗାନ୍ଧୀମାର୍ଗ ଦେଇ ହେମସୁରପଡ଼ା ଛକ, ଡିଆସି ଛକ, ଶିମିଳିପଡ଼ା ଛକ ଦେଇ ରାଜ ହୋଟେଲ ପାଖ ଜାତୀୟ ରାଜପଥରେ ବାହାରିବେ। ଜିଲା ମହୋତ୍ସବ ଉପଲକ୍ଷେ ଟାଉନ୍ ହାଇସ୍କୁଲ ପଡ଼ିଆରେ ପଲ୍ଲିଶ୍ରୀ ମେଳା ପଡ଼ିବ। ମହୋତ୍ସବକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ଏବଂ ପୋଲିସ ପକ୍ଷରୁ ସମସ୍ତଙ୍କ ସହଯୋଗ ଲୋଡ଼ାଯାଇଛି।

## ରେଞ୍ଜରଙ୍କ ମାଡ଼ରେ କର୍ମଚାରୀ ଆହତ

**ବିଭାଗୀୟ ତଦନ୍ତ ଆରମ୍ଭ**


ଡାକ୍ତରଖାନାରେ ଆହତ କର୍ମଚାରୀ।

**ଖମାର, ୧୭।୧(ଡି.ଏନ୍.ଏ.)**

ଦେବଗଡ଼ ବନଖଣ୍ଡ ଅଧୀନ ଖମାର ବନାଞ୍ଚଳ ଅଧିକାରୀ ଚନ୍ଦ୍ରଶେଖର ଗଡନାୟକଙ୍କ ମାଡ଼ରେ ପାରା ଫରେଷ୍ଟ କର୍ମଚାରୀ ତଥା ରେଞ୍ଜରଙ୍କ ରୋଷେୟା ସୁଶାନ୍ତ କୁମାର ବେହେରା (୪୦) ଆହତ ହୋଇଥିବା ଅଭିଯୋଗ ହୋଇଛି। ସୋମବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ସୁଶାନ୍ତ ବନାଞ୍ଚଳ ଅଧିକାରୀଙ୍କ କ୍ୱାର୍ଟର୍ସରୁ ଚିତ୍କାର କରି ଦୌଡ଼ି ଆସି ବାହାରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ସହକର୍ମୀମାନେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଖମାର ମେଡିକାଲରେ ଭର୍ତ୍ତି କରିଥିଲେ। ସୁଶାନ୍ତଙ୍କ ଛାତିରେ ଯନ୍ତ୍ରଣା ହେଉଥିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ସୁଶାନ୍ତଙ୍କ କହିବା କଥା, ବନାଞ୍ଚଳ ଅଧିକାରୀ ତାଙ୍କ ଉପରେ ଚୋରି ଅଭିଯୋଗ ଆଣିଥିଲେ। ୨ ଲକ୍ଷ ଟଙ୍କା ଚୋରି କରିଥିବା କହି ନିସ୍ତୁକ ମାଡ଼ ମାରିଥିଲେ। ଏ ସଂକ୍ରାନ୍ତରେ ସୁଶାନ୍ତଙ୍କ ସ୍ତ୍ରୀ ଖମାର ଥାନାରେ ଅଭିଯୋଗ କରିଥିବାବେଳେ ମଙ୍ଗଳବାର ଘଟଣାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଏସିଏଫ ସୁଧାଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ବାରକୋଟ ରେଞ୍ଜର ଗୌରୀଶଙ୍କର ବେହେରା, ପାଲଲହଡା ଫରେଷ୍ଟର ତୁଷାର ରଞ୍ଜନ ପ୍ରଧାନ, ଫରେଷ୍ଟ ଗାର୍ଡ ବିନିତା ପ୍ରଧାନ ଖମାର ରେଞ୍ଜ ଅଫିସ୍‌ରେ ପହଞ୍ଚି କର୍ମଚାରୀଙ୍କୁ ପଚରାଉଚରା କରିଛନ୍ତି। ରିପୋର୍ଟ ଦାଖଲ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦେବଗଡ଼ ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ରେଞ୍ଜର ଅଭିଯୋଗକୁ ଅମୂଳକ ବୋଲି କହିଛନ୍ତି। ତାଙ୍କ କହିବା କଥା, ସୋମବାର ମଧ୍ୟାହ୍ନରେ ଖାଇସାରିବା ପରେ ସେ ବିଶ୍ରାମ ନେଇଥିଲେ। ସୁଶାନ୍ତ ତାଙ୍କ ଅନୁମତି ନେଇ ବ୍ୟକ୍ତିଗତ କାମରେ ବ୍ୟାଙ୍କ ଯାଇଥିଲେ। ଅଫିସ କାର୍ଯ୍ୟ ପାଇଁ ଟଙ୍କା ଆବଶ୍ୟକ ପଡ଼ିବାରୁ ରେଞ୍ଜର ଆଲମିରା ଖୋଲିଥିଲେ। ତେବେ ସେ ରଖିଥିବା ୧୬,୦୦୦ ଟଙ୍କା ପାଇ ନ ଥିଲେ। ଏ ନେଇ ସୁଶାନ୍ତଙ୍କୁ ପଚରାଉଚରା କରିଥିଲେ। କିନ୍ତୁ ସୁଶାନ୍ତ ଟଙ୍କା ନେଇ ନ ଥିବା ଦର୍ଶାଇ ସାଇକେଲରେ ଘରକୁ ପଳାଇଥିଲେ। କେତେଜଣଙ୍କ ପ୍ରରୋଚନାରେ ସେ ଏଭଳି ନାଟକ କରିଥିବା ରେଞ୍ଜର କହିଛନ୍ତି।

# ଜିଲା କାର୍ଯ୍ୟାଳୟ ଘେରିଲେ ଚାଷୀ


ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**୯୨ ଗ୍ରାମର ଚକବନ୍ଦୀ ରେକର୍ଡ ଉଚ୍ଛେଦ ଦାବି**

**ଅନୁଗୋଳ ଅଫିସ, ୧୭।୧**

ଅନୁଗୋଳ ଜିଲାର ୯୨ ଗ୍ରାମର ଚକବନ୍ଦୀ ରେକର୍ଡ ଉଚ୍ଛେଦ କରି ଶାବକ ରେକର୍ଡ ଅନୁଯାୟୀ ପଟ୍ଟା ପ୍ରଦାନ କରିବା, ଚକ ଉଚ୍ଛେଦ ଯାଏ ଚକବନ୍ଦୀ ଥିବା ଗ୍ରାମର କ୍ରୟବିକ୍ରୟ ବନ୍ଦ କରିବା ଦାବିରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଜିଲା ଚାଷୀ ସୁରକ୍ଷା କମିଟିର ଆହ୍ୱାନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରା ବଜାର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା।

କମିଟି କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ପ୍ରଧାନ, ସଭ୍ୟ ପ୍ରଦୀପ କୁମାର ପ୍ରଧାନଙ୍କ ନେତୃତ୍ୱରେ ସଭା ପରିଚାଳିତ ହୋଇଥିଲା। କମିଟି ସଭାପତି ଭାସ୍କର ଦେହୁରୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଲ୍ ଇଣ୍ଡିଆ କୃଷକ କ୍ଷେତ ମଜଦୁର ସଙ୍ଗଠନର ରାଜ୍ୟ ସମ୍ପାଦକ ରଘୁନାଥ ଦାସ, ଏଆଇକେକେଏମ୍‌ଏସ୍‌ର ଜିଲା ଉପସଭାପତି ନବକିଶୋର ପ୍ରଧାନ, ତ୍ରିଲୋଚନ ପ୍ରଧାନ, ଜିଲା ଜନଜୀବନ ସୁରକ୍ଷା କମିଟି ଆବାହକ ଅଭିମନ୍ୟୁ ସ୍ୱାଇଁ, ତ୍ରିଲୋଚନ ଜେନା ପ୍ରମୁଖ ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଏଆଇକେକେଏମ୍‌ଏସ୍‌ର ଜିଲା ସଭାପତି ସୁବାସ ପ୍ରଧାନ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଚାଷୀ ସୁରକ୍ଷା କମିଟି ସମ୍ପାଦକ କାଳୀଚରଣ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଖୁବ୍‌ଶୀଘ୍ର ଜିଲାପାଳଙ୍କ ଉପସ୍ଥିତିରେ ଚାଷୀ ସୁରକ୍ଷା କମିଟି କର୍ମକର୍ତ୍ତାଙ୍କ ସହିତ ବୈଠକ ହେବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ମାସେ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ସାହୁ ଚେତାବନୀ ଦେଇଛନ୍ତି।

## ତୀର୍ଥ ଗଲେ ୧୦୬ ବରିଷ୍ଠ

**ଅନୁଗୋଳ ଅଫିସ, ୧୭।୧**

ଅନୁଗୋଳ ଜିଲାର ୧୦୬ ବରିଷ୍ଠ ନାଗରିକ ମଙ୍ଗଳବାର ତୀର୍ଥଯାତ୍ରାରେ ବାହାରିଛନ୍ତି। ଏକ ସ୍ୱତନ୍ତ୍ର ବସ୍‌ରେ ସେମାନଙ୍କୁ ସମ୍ବଲପୁର ନିଆଯାଇଛି। ବିଧାୟକ ରଜନୀକାନ୍ତ ସିଂ ପତାକା ଦେଖାଇବା ପରେ ଗାଡ଼ି ଗଡ଼ିଥିଲା। ଉପଜିଲାପାଳ ବଇତୁରା ଦୀପ ଗୋଲାପ ଦେଇ ସଫଳ ଯାତ୍ରା କାମନା କରିଥିଲେ। ତୀର୍ଥଯାତ୍ରୀମାନେ ବୁଧବାର ସମ୍ବଲପୁରରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ବାହାରିବେ। ୨୨ ତାରିଖ ପର୍ଯ୍ୟନ୍ତ ଆଗ୍ରା, ମଥୁରା, ବୃନ୍ଦାବନ ଆଦି ସ୍ଥାନ ଭ୍ରମଣ କରିବେ। ଜିଲା ପରିଷଦ ସଭାନେତ୍ରୀ ବବିତା ପ୍ରଧାନ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାଏ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୧୧୦ ଜଣ ଆବେଦନ କରିଥିଲେ। ତେବେ ତନ୍ମଧ୍ୟରୁ ୧୦୬ ଜଣ ଯାଇଛନ୍ତି। କରୋନା ସମୟରେ ତୀର୍ଥଯାତ୍ରା ବନ୍ଦ ହୋଇଯାଇଥିବାବେଳେ ଚଳିତବର୍ଷ ପୁନର୍ବାର ଆରମ୍ଭ ହୋଇଛି।

## ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ


ବିଶିଷ୍ଟ ଶିକ୍ଷାବିତ୍ ବାଳକୃଷ୍ଣ ପ୍ରଧାନଙ୍କୁ ସମ୍ମାନିତ କରାଯାଉଛି।

**ଛେଣ୍ଡିପଦା, ୧୭।୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ହାଇସ୍କୁଲରେ ମଙ୍ଗଳବାର ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ସ୍ୱର୍ଗତ ମଙ୍ଗୁତୁରାମ ସରଳିଆ ଓ ମେୱାଦେବୀ ସରଳିଆଙ୍କ ସ୍ମୃତିରେ କିଶୋରୀଲାଲ୍ ସରଳିଆ, ବିନୋଦ ସରଳିଆଙ୍କ ସହାୟତାରେ ଏହି ପାନୀୟ ଜଳ ପ୍ରକଳ୍ପ ସ୍କୁଲ ଫାଟକ ନିକଟରେ ସ୍ଥାପନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ବାଳକୃଷ୍ଣ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଶିକ୍ଷାନୁଷ୍ଠାନର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ଜାନୁୟାରୀ ୨୨ରୁ ତିନିଦିନ ବ୍ୟାପୀ ପ୍ଲାଟିନମ୍ ଜୁବିଲି ସମାରୋହ ପାଳିତ ହେବ। ଏଥିପୂର୍ବରୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ପୁରାତନ ଛାତ୍ର ତଥା ପ୍ଲାଟିନମ୍ ଜୁବିଲି କମିଟି ସଭାପତି ପ୍ରଦୀପ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦକ ସତ୍ୟବ୍ରତ ପ୍ରଧାନ, ସୁରେଶ ପ୍ରଧାନ, ବିଜୟ ପ୍ରଧାନ, ଜଳଧର ସେଠୀ, ଗୋଲେଖ ପ୍ରଧାନ, ବାଳକୃଷ୍ଣ ପ୍ରଧାନ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ମହେନ୍ଦ୍ର ପୁଣି ଜିଲା ବିଜେଡି ସଭାପତି

**ଟିମ୍‌ରେ ୩ ନୂଆ ମୁହଁ**

**ଅନୁଗୋଳ ଅଫିସ, ୧୭।୧**


ମହେନ୍ଦ୍ର ବସ୍ତିଆ


ଦୀନେଶ ପ୍ରଧାନ

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଅନୁଗୋଳ ଜିଲା ବିଜେଡିର ନୂତନ କାର୍ଯ୍ୟକାରିଣୀ କମିଟି ଘୋଷଣା କରାଯାଇଛି। ଏ ନେଇ ଜିଲା ପର୍ଯ୍ୟବେକ୍ଷକ ପ୍ରଶାନ୍ତ ମୁଦୁଲି ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ଜିଲା ବିଜେଡି ସଭାପତି ଭାବେ ପୁନର୍ବାର ମହେନ୍ଦ୍ର ବସ୍ତିଆଙ୍କ ଉପରେ ଦଳୀୟ ନେତୃତ୍ୱ ଆସ୍ଥା ପ୍ରକଟ କରିଥିବାବେଳେ ଟିମ୍‌ରେ ୩ ନୂଆ ମୁହଁ ସ୍ଥାନ ପାଇଛନ୍ତି। ସେମାନେ ହେଲେ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ଉପଦେଷ୍ଟା ଭକ୍ତି ପ୍ରସାଦ ଦାସ ଏବଂ ପୂର୍ଣ୍ଣଚନ୍ଦ୍ର ରାଉତ। ଉକ୍ତ ଟିମ୍‌ରେ ୧୦ ଉପସଭାପତି, ୭ ସାଧାରଣ ସମ୍ପାଦକ, ୨୧ ସମ୍ପାଦକ, ୧୨ ଉପଦେଷ୍ଟା ସ୍ଥାନ ପାଇଛନ୍ତି। ବାନାମ୍ବର ଭୂତିଆ କୋଷାଧକ୍ଷ ଦାୟିତ୍ୱ ତୁଲାଇବେ। ବିଜେଡିର ସମସ୍ତ ଜନହିତକାରୀ ଯୋଜନା ଯେଉଁଭଳି ଲୋକଙ୍କ ନିକଟରେ ପହଞ୍ଚିବ ଏବଂ ତୃଣମୂଳସ୍ତରରୁ କିଭଳି ଦଳକୁ ମଜବୁତ କରିହେବ ସେ ନେଇ କାର୍ଯ୍ୟ କରିବେ ବୋଲି ମହେନ୍ଦ୍ର କହିଛନ୍ତି।

ସେହିପରି ଜିଲା ଯୁବ ବିଜେଡି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଜିଲା ସଭାପତି ଦୀନେଶ ପ୍ରଧାନଙ୍କ ନେତୃତ୍ୱରେ ଜିଲା କମିଟି ଘୋଷଣା କରାଯାଇଛି। ଏଥିରେ ୧୪ ଉପସଭାପତି, ୧୫ ସାଧାରଣ ସମ୍ପାଦକ, ୩୧ ସମ୍ପାଦକ, ଜଣେ ଆଇଟି କୋଅର୍ଡିନେଟର୍, ୫ ନିର୍ବାଚନମଣ୍ଡଳୀ ଆଇଟି କୋଅର୍ଡିନେଟର୍, ୫ ନିର୍ବାଚନମଣ୍ଡଳୀ ସଭାପତି, ୧୦ ବ୍ଲକ ସଭାପତି ଓ କାର୍ଯ୍ୟକାରୀ ସଭାପତି ଏବଂ ୩ ମ୍ୟୁନିସିପାଲଟି ସଭାପତି ସ୍ଥାନ ପାଇଛନ୍ତି। ଦାୟିତ୍ୱ ମିଳିଥିବା ପଦପଦବୀଧାରୀମାନେ ଏଥିଲାଗି ଜିଲା ତଥା ରାଜ୍ୟ ନେତୃମଣ୍ଡଳୀକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସାମଗ୍ରିକ ବିକାଶକୁ ଗୁରୁତ୍ୱ

**ଅନୁଗୋଳ ଅଫିସ, ୧୭।୧:** ଅନୁଗୋଳ ଜିଲା ପରିଷଦର ୫୪ତମ ସାଧାରଣ ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଏମ୍‌ପି ମହେଶ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଜିଲା ପରିଷଦର ସମସ୍ତ ସଭ୍ୟାସଭ୍ୟ ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପାନୀୟ ଜଳ ଯୋଗାଣ, ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ଜଳ ସମ୍ପଦ, ପ୍ରାଣୀ ସମ୍ପଦ, ଖାଦ୍ୟ ଓ ଯୋଗାଣ, ଏମ୍‌ଜିଏନ୍‌ଆରଇଜିଏସ୍, ଗ୍ରାମ୍ୟ ଓ ଗୃହ ନିର୍ମାଣ, ବିଦ୍ୟୁତ୍, ଶିଶୁ ଓ ମହିଳା ବିକାଶ, ଜିଲା ମଙ୍ଗଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ସମେତ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯାଇଥିଲା। ଲାଗି ରହିଥିବା ସମସ୍ୟା ଏବଂ ଏହାର ସମାଧାନ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଘଣ୍ଟିଆନାଳୀ ଚାମ୍ପିୟନ

**କଣିହାଁ, ୧୭।୧(ଡି.ଏନ୍.ଏ.)**

କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ଲୋଧାଝରି ଗ୍ରାମ ଖେଳ ପଡ଼ିଆରେ ସପ୍ତାହବ୍ୟାପୀ ଚାଲିଥିବା ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ସିନ୍ଦୁରପାଳକୁ ହରାଇ ଘଣ୍ଟିଆନାଳୀ ଚାମ୍ପିୟନ ହୋଇଛି। ପବିତ୍ର ବଗାର, ଗୁରୁ ନାୟକ ଅମ୍ପାୟରିଂ କରିଥିଲେ। ଚାମ୍ପିୟନ ଦଳର ଜଗା ପ୍ରଧାନ ଉଭୟ 'ମ୍ୟାନ ଅଫ ଦି ମ୍ୟାଚ' ଓ 'ମ୍ୟାନ ଅଫ ଦି ସିରିଜ' ବିବେଚିତ ହୋଇଥିଲେ। ତାମଡ଼ା ଅଧ୍ୟକ୍ଷ ଅବନୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ହାଡ଼ିବନ୍ଧୁ ସେଠୀ, ପୂର୍ବତନ ସରପଞ୍ଚ ଡିଲେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

# ଉତ୍ତେଜନା ବଢ଼ାଇଲା ପିଏମ୍-ଆବାସ

- ବହୁ ଯୋଗ୍ୟ ବାଦ୍ ପଡ଼ିଥିବା ଅଭିଯୋଗ
- ପଞ୍ଚାୟତ କାର୍ଯ୍ୟାଳୟରେ ଉତ୍ତେଜନା
- ଅସନ୍ତୁଷ୍ଟ ଆଶାୟୀ ଜାଳିଦେଲେ ତାଲିକା

**ଛେଣ୍ଡିପଦା, ୧୭।୧(ସ୍ୱ.ପ୍ର.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକାଶିତ ତାଲିକାକୁ ନେଇ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବିଭିନ୍ନ ସ୍ଥାନରେ ଉତ୍ତେଜନା ଦେଖାଦେଇଛି। ବହୁ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ କୋଡ଼ାସାହି ବାସୀ ତେଣ୍ଟୁଲୋଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବାବେଳେ କୋରଡ଼ା ପଞ୍ଚାୟତର ଅସନ୍ତୁଷ୍ଟ ଆଶାୟୀମାନେ ପ୍ରକାଶିତ ସମ୍ଭାବ୍ୟ ତାଲିକା ଜାଳିଦେଇଛନ୍ତି।

ଛେଣ୍ଡିପଦା ବ୍ଲକର ୩୪ ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଲଗାଯାଇଛି। ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଆବାସ ଯୋଜନାରେ ସାମିଲ କରାଯାଇଥିବା ଜଣାପଡ଼ିବା ପରେ ଯୋଗ୍ୟ ହିତାଧିକାରୀ ବେଶ୍ ଖୁସି ଥିଲେ। ହେଲେ ସେମାନଙ୍କ ମଧ୍ୟରୁ ଅନେକଙ୍କ ନାମ ସମ୍ଭାବ୍ୟ ତାଲିକାରେ ନ ଥିବାରୁ ଉତ୍ତେଜନା ଦେଖାଦେଇଛି। ତେଣ୍ଟୁଲୋଇ ପଞ୍ଚାୟତ କାର୍ଯ୍ୟାଳୟରେ ପିଏମ୍-ଆବାସରେ ୫୨ ଯୋଗ୍ୟ ହିତାଧିକାରୀଙ୍କର ତାଲିକା ଲଗାଯାଇଛି। ତେବେ ଅନେକ ଆଶାୟୀଙ୍କ ନାମ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ନିରାଶ ହୋଇଥିବା ବ୍ୟକ୍ତିମାନେ ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ।

ଅଭିଯୋଗ ଅନୁଯାୟୀ, ପୂର୍ବରୁ ବ୍ଲକ ପ୍ରଶାସନ କରିଥିବା ସର୍ଭେରେ ୬୭ ଜଣଙ୍କ ନାମ ତାଲିକାଭୁକ୍ତ କରାଯାଇଥିଲା। ତେବେ ଚଞ୍ଚକତା କରି ପ୍ରାୟ ୧୬ ଜଣଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଥିବା ଅଭିଯୋଗ କରି କୋଡାସାହିବାସୀ ପଞ୍ଚାୟତ କାର୍ଯ୍ୟାଳୟ ଘେରିଥିଲେ। ସୂଚନା ପାଇ ସରପଞ୍ଚ ପ୍ରିୟଙ୍କା ସାହୁ ପହଞ୍ଚି ପିଇଓ, ଜିଆର୍‌ଏସ୍‌ଙ୍କ ସହିତ ଆଲୋଚନା କରିଥିଲେ। ଦୀର୍ଘ ୪ ଘଣ୍ଟା ଧରି ଆଲୋଚନା କରାଯାଇଥିଲା।


ତେଣ୍ଟୁଲୋଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

କେଉଁ ମାନଦଣ୍ଡ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି ସେ ନେଇ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଚିଠି କରାଯାଇ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅନ୍ୟପଟେ କୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶ ପାଇଥିବା ସମ୍ଭାବ୍ୟ ତାଲିକାକୁ ଜାଳିଦେବା ଘଟଣାରେ ପିଇଓ ଜରପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

